# Akashvani, Sambalpur

## SAMBALPURI NEWS MORNING BULLETIN

## 2 September 2026 - 6.47- 6.52 am.

---

ଶିଖର୍ ସମ୍ମିଳନୀ          ଆର୍‌ଏନ୍‌ୟୁ/ ସମ୍ବଲପୁର

କେନ୍ଦ୍ର ଜଲ୍‌ଶକ୍ତି ମନ୍ତ୍ରଣାଳୟ ତର୍‌ଫୁ ଗଲାକାଏଲ୍‌ଠାନୁ ନୂଆଦିଲ୍ଲୀ ନ ୨ ଦିନିଆ ଶିଖର୍ ସମ୍ମିଳନୀ ମୂଲ୍ ହେଇଛେ । ସମ୍ମିଳନୀଥି କେନ୍ଦ୍ର ଆଉ ରାଜ୍ୟ ସର୍‌କାର୍‌ଙ୍କର୍ ଭିତ୍‌ରେ ତାଲ୍‌ମେଲ୍ ରଖିକରି ସହଯୋଗ୍‌କେ ବର୍‌କସ୍ କର୍‌ବାର୍ ଉପ୍‌ରେ ଆଲୋଚନା ହେଇଛେ । ଇଥି ଜଲ୍ ସଂରକ୍ଷଣ୍ ପ୍ରକଳ୍ପ ମାନ୍‌କର୍ ଧାରିଜ୍ ସମିଆ ଭିତ୍‌ରେ କାର୍ଯ୍ୟାନ୍ୱୟନ୍ ଆଉ ଜନଭାଗିଦାରୀତା ଉପ୍‌ରେ ବିଶେଷଜ୍ଞମାନେ କହିଛନ୍ । ଆଏଜ୍ ଉଦ୍‌ଯାପନୀ ଅଧିବେଶନ୍‌ଥି ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଯୋଗ୍ ଦେଇକରି ସମ୍ମିଳନୀକେ ସମ୍ବୋଧିତ୍ କର୍‌ବେ । କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେବାର୍ ଲାଗି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଗଲାକାଏଲ୍ ଦିଲଲୀ ଗସ୍ତ କରିଛନ୍ । ଇଥି ଅଲ୍‌ଗା ରାଜ୍ୟର୍ ମୁଖ୍ୟମନ୍ତ୍ରୀ ଆଉ ପ୍ରତିନିଧିମାନେ ଭିଲ୍ ଯୋଗ୍ ଦେଇଛନ୍ ।

ବରିଷ୍ଠ ନାଗରିକ୍ ତୀର୍ଥଯାତ୍ରା ଆଇ ଆଣ୍ଡ୍ ପି.ଆର୍

ରାଜ୍ୟ ସର୍କାର୍ଙ୍କର୍ ବରିଷ୍ଠ ନାଗରିକ୍ ତୀର୍ଥଯାତ୍ରା ଯୋଜ୍ନା ଅଧୀନ୍ଥି ଆଏଜ୍ ଭୁବ୍ନେଶ୍ୱର୍ ରେଲ୍ଷ୍ଟେସନ୍ନୁ ସଖାଲର୍ ସାଢ଼େ ୧୦ବଜେ ଯାତ୍ରା ମୁଲ୍ ହେବା । ଯାତ୍ରାଥି ବରିଷ୍ଠ ନାଗରିକ୍ମାନେ ବାରାଣାସୀ -ଅଯୋଧ୍ୟାକେ ଯିବେ । କାର୍ଯ୍ୟକ୍ରମ୍ଥି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କର୍ ସହେତେ ଖାଦ୍ୟଯୋଗାଣ ଆଉ ଖାଉଟି କଲ୍ୟାଣ୍ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଶିଳ୍ପମନ୍ତ୍ରୀ ସମ୍ପଦ୍ ଚନ୍ଦ୍ର ସ୍ୱାଇଁ ପ୍ରମୁଖ ଯୋଗ୍ ଦେବେ ।

ନିଶାମୁକ୍ତ ଭାରତ୍-ସଚେତନତା ଆଇ ଆଣ୍ଡ୍ ପି.ଆର୍

ନିଶାମୁକ୍ତ ଭାରତ୍ ଅଭିଯାନ୍ଥି ଗଲା ୧୫ ନୁ ୩୧ ତାରିଖ୍ ତକ୍ ରାଜ୍ୟର୍ ୩୫ ଟା ପୁଲିସ୍ ଜିଲ୍ଲା ନ ୧ ହଜାର୍ ୭ ଶହ ୬୩ ଟା ବିଦ୍ୟାଳୟ ଆଉ ମହାବିଦ୍ୟାଳୟ ନ ସଚେତନତା କାର୍ଯ୍ୟକ୍ରମ୍ ଜରିଏ ୨ ଲାଖ୍ ନୁ ଅଏତ୍କା ଛାତ୍ରଛାତ୍ରୀଙ୍କର୍ ନିକେ ନିଶା ବିରୋଧୀ

ବାର୍ତ୍ତା ପହଁଚା ଯାଇଛେ । ସମ୍ବଲପୁର୍ ନ ସବୁନୁ ଜହ ଶହେ ୬୨ ଟା ଆଉ କଲାହାଣ୍ଡି ନ ୭୯ ଟା ଅନୁଷ୍ଠାନ୍ ନ କାର୍ଯ୍ୟକ୍ରମ୍ ହେଇଛେ । ୨୦୨୯ ମସିହାତକ୍ ନିଶାମୁକ୍ତ ଓଡ଼ିଶା ପୁଲିସ୍‌ର ଦୃଢ଼ ସଂକଳ୍ପ ଆଉ ଇ ଲଢ଼େଇଥି ପରିବାର୍, ଶିକ୍ଷାନୁଷ୍ଠାନ୍ ଆଉ ଯୁବ ପିଢ଼ି ମାନ୍‌କର୍ ସହଭାଗିଦା ସବୁନୁ ବଡ଼ ଶକ୍ତି ଆଏ ବଲି ପୁଲିସ୍ ମହାନିର୍ଦ୍ଦେଶକ୍ ବିନୟତୋଷ ମିଶ୍ର କହିଛନ୍ ।

ସମ୍ବଲପୁର ବିଶ୍ୱବିଦ୍ୟାଳୟ ଆର୍‌ଏନ୍‌ୟୁ/ ସମ୍ବଲପୁର

ସମ୍ବଲପୁର ବିଶ୍ୱବିଦ୍ୟାଳୟର୍ ୩୬ ତମ ସମାବର୍ତ୍ତନ୍ ଉତ୍ସବ ଆଏବା ୭ ତାରିଖ୍ ଦିନ ହେବା । ଇଥି କୁଳାଧିପତି ଆଉ ଓଡ଼ିଶାର୍ ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍‌ପାଟି ଯୋଗ୍ ଦେବେ । ସମାବର୍ତ୍ତନ୍ ଉତ୍ସବ୍‌ଥି ଭାଗ୍ ନେବାର୍‌କେ ଇଚ୍ଛୁକ୍ ସବୁ ବିଦ୍ୟାର୍ଥୀମାନ୍‌କର୍ ଲାଗି ଅନ୍‌ଲାଇନ୍ ପଞ୍ଜିକରଣ୍ ପୋର୍ଟାଲ୍ ଗଲାକାଏଲ୍‌ନୁ ଆନୁଷ୍ଠାନିକ୍ ଭାବେ ଖୁଲାଯାଇଛେ । ଛାତ୍ରଛାତ୍ରୀମାନେ ନିଜର୍ ନାଁ ପଞ୍ଜିକରଣ୍ କର୍‌ବାର୍ ଲାଗି ବିଶ୍ୱବିଦ୍ୟାଳୟର୍ ଅଫିସିଆଲ୍ ୱେବ୍‌ସାଇଟ୍‌ଥି ଲଗ୍ ଇନ୍

କର୍‌ବାର୍‌କେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କର୍ ତରଫୁ ସୂଚ୍‌ନା ଦିଆଯାଇଛେ ।

ବରିଷ୍ଠ ଅଧିକାରୀ-ଜିଲ୍ଲା ପରିଦର୍ଶନ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ଭିନ୍ ଭିନ୍ ବିଭାଗ୍‌ର ସଚିବ ଆଉ ବରିଷ୍ଠ ଅଧିକାରୀମାନେ ଇ ମାସୁ ଫେର୍‌ଘାଏ ଜିଲ୍ଲା ମାନ୍ ପରିଦର୍ଶନ୍ କର୍‌ବେ । ଅକ୍ଟୋବର୍‌ତକ୍ ଭିନ୍ ଭିନ୍ ଜିଲ୍ଲା ଗସ୍ତ କର୍‌ବାର୍ ଲାଗି ଉନ୍ନୟନ୍ କମିଶନର୍ ଦେଓରଞ୍ଜନ୍ କୁମାର୍ ସିଂ ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ । ଇ ସମିଆଥି ରାଜ୍ୟ ଆଉ କେନ୍ଦ୍ର ସର୍‌କାର୍‌ଙ୍କର୍ ଭିନ୍ ଭିନ୍ ଯୋଜ୍‌ନାର୍ କାର୍ଯ୍ୟକାରିତା ବାବ୍‌ଦେ ଯାଂଚ୍ କର୍‌ବାର୍‌କେ କୁହାଯାଇଛେ । ଜିଲ୍ଲାଗସ୍ତ ସମିଆଥି ପିଏଚ୍‌ସି, ସିଏଚ୍‌ସି ଆର୍ ଜିଲ୍ଲା ହସ୍ପିଟାଲ୍ ବୁଲିକରି ସେନ ଦିଆଯାଉଥିବା ଚିକିତ୍ସା ସୁବିଧା ବାବ୍‌ଦେ ଯାଂଚ୍ କର୍‌ବେ । ଆଦିବାସୀ ଆଉ ଉପାନ୍ତ ଇଲାକାମାନ୍‌କେ ବିକାଶ୍ କାମ୍‌ର ଅନୁଧ୍ୟାନ୍ କର୍‌ବାର୍‌କେ ଭିଲ୍ ଅଧିକାରୀମାନ୍‌କୁ କୁହାଯାଇଛେ ।

ରାହୁରେଖା ଲାଗି ନୀତି        ପୁରୀ ସମ୍ବାଦଦାତା

ଭୁଦୋ ମାସର୍ ଅନ୍ଧାର୍ ପଖର୍ ପଂଚ୍ମୀ ତିଥି ନ ଆଏଜ୍ ପୁରୀ ଶ୍ରୀମନ୍ଦିର୍ ନ ଶ୍ରୀବିଗ୍ରହମାନ୍କର୍ ରାହୁ ରେଖା ଲାଗି ନୀତି ହେବା । ଇଟା ଗୁଟେ ଗୁପ୍ତ ନୀତି ହେଇଥିବାର୍ନୁ ପହେଲା ଭୋଗମଣ୍ଡପ ଭୋଗ ଶେଷ୍ ହେବାର୍ ଉତ୍ରୁ ଇ ଖାସ୍ ନୀତି କରାଯିବା । ଇଥିର୍ଲାଗି ଉପର୍ବେଲା ଅଢ଼େଇ ବଜେନୁ ସଞ୍ଝର୍ ୭ ବଜେତକ୍ ସର୍ବସାଧାରଣ୍ ଦର୍ଶନ୍ ବନ୍ଦ୍ ରହେବା ବଲି ଶ୍ରୀମନ୍ଦିର୍ ପ୍ରଶାସନ୍ ତର୍ଫୁ ସୂଚ୍ନା ଦିଆଯାଇଛେ ।

ବିଶ୍ୱ ନଡ଼ିଆ ଦିବସ୍       ଆର୍ଏନ୍ୟୁ/ କଟକ୍

ବିଶ୍ୱ ନଡ଼ିଆ ଦିବସ୍ ଆଏଜ୍ ପାଲନ୍ କରାଯାଉଛେ ।  ୨୦୦୯ ମସିହା ସେପ୍ଟେମ୍ବର୍ ମାସର୍ ୨ ତାରିଖ୍ ଦିନ ଏସିଆ- ପେସିପିକ୍ କୋକୋନଟ୍ କମ୍ୟୁନିଟି ଗଠନ୍ କରାଯାଇଥିଲା । ନଡ଼ିଆ ଚାଷ୍ ବାବ୍ଦେ ଲୁକ୍କର୍ ଭିତ୍ରେ ସଚେତନତା ବଢ଼ାବାର୍ ଲାଗି ଇ ଦିବସ୍ ପାଲନ୍ କରାଯାଇଆସୁଛେ । ଭାରତୀୟ ସଂସ୍କୃତିଥି ନଡ଼ିଆ କି

ଶ୍ରୀଫଳର ବହୁତ୍‌ଟେ ଗୁରୁତ୍ୱ ରହିଛେ । ନଡ଼ିଆ ଉତ୍ପାଦନ୍‌ଥି ଭାରତ୍ ପୁର୍‌ଥି ନ ୩ ନମ୍ବର୍ ଠାନ୍ ଅଧିକାର୍ କରିଛେ । ଆଏଜ୍ ବିଶ୍ୱ ନଡ଼ିଆ ଦିବସ୍ ଅବସରେ  ଭିନ୍ ଭିନ୍ ଜାଗା ନ କାର୍ଯ୍ୟକ୍ରମ୍ ମାନ୍ ଆୟୋଜନ୍ କରାଯାଉଛେ ।

ମାଇ ଭାରତ୍ ପରାମର୍ଶଦାତା କମିଟି ବୈଠକ୍        ନୂଆପଡ଼ା

ନୂଆପଡ଼ା ଜିଲ୍ଲାପାଲ୍ ମଧୁସୂଦନ୍ ଦାସ୍‌ଙ୍କର୍ ଅଧ୍ୟକ୍ଷତାଥି ଜିଲ୍ଲା ମୁଖ୍ୟାଳୟ ସମ୍ମିଳନୀ କକ୍ଷ ନ ମାଇ ଭାରତ୍ ପରାମର୍ଶଦାତା କମିଟିର୍ ପହେଲା ବୈଠକ୍ ହେଇଯାଇଛେ । ବୈଠକ୍‌ଥି ଗଲା ଏପ୍ରିଲ୍ ନୁ ଜୁଲାଇ ମାସ୍‌ତକ୍ କାର୍ଯ୍ୟକ୍ରମ୍‌ର ସମୀକ୍ଷା, ୨୦୨୬ -୨୭ ବାର୍ଷିକ କାର୍ଯ୍ୟ ଯୋଜ୍‌ନା ଆଉ ଭିନ୍ ଭିନ୍ ବିଭାଗ୍ ସହେତେ ତାଲ୍‌ମେଲ୍ ବାବ୍‌ଦେ ଆଲୋଚନା ହେଇଥିଲା । ଯୁଆନ୍ ପିଢ଼ିଙ୍କୁ ଦେଶର୍ ସମ୍ପଦ୍ ବନାବାର୍, ମାଇ ଭାରତ୍‌ଥି ଅଏତ୍‌କା ପଞ୍ଜିକରଣ୍ ଆଉ ସ୍କୁଲ୍ କଲେଜ୍ ସ୍ତର୍ ନ ବ୍ୟାପକ୍ ଅଭିଯାନ୍ ଲାଗି ଜିଲ୍ଲାପାଲ୍ ପରାମର୍ଶ ଦେଇଛନ୍ । ଇତାର୍‌ସହେତେ ବିକଶିତ୍ ଭାରତ୍ ୨୦୪୭ ଲକ୍ଷ୍ୟଥି

ନୂଆପଡ଼ାକେ ମୋଡ଼େଲ୍ ଜିଲ୍ଲା କର୍‌ବାର୍‌କେ ଭିଲ୍ ସେ ଆହ୍ୱାନ୍ ଦେଇଛନ୍ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ଉତର୍ ପଶ୍ଚିମବଙ୍ଗ୍ , ଉତର୍ ସମୁଦ୍ରଖଁଡ଼ି ଓଡ଼ିଶା ଆଉ ଉତର୍ ପଶ୍ଚିମ ବଙ୍ଗୋପ୍‌ସାଗର୍‌କେ ଲାଗି କରି ଥିବା ଇଲାକା ନ ଗୁଟେ ଲଘୁଚାପ୍ କ୍ଷେତ୍ର ସକ୍ରିୟ ରହିଛେ । ଇତାର୍ ପ୍ରଭାବ୍‌ଥି ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ବର୍ଷା ଲାଗି ରହିଛେ । ଆଏବା ୨୪ ଘଂଟା ଭିତ୍‌ରେ ରାଜ୍ୟର୍ ୩ ଟା ଜିଲ୍ଲା ସୁନ୍ଦର୍‌ଗଡ଼୍, ଝାର୍‌ସୁଗୁଡ଼ା ଆଉ ବରଗଡ଼୍ ନ ଧୁକାଗର୍ଡ଼ି ଆଉ ବିଜ୍‌ଲି ମାରିକରି ଅତି ଜବର୍ ବର୍ଷା ହେବାର୍ ସମ୍ଭାବନା ଅଛେ ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଞ୍ଜାନ୍ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ । ଇ ସମିଆଥି ଉତର୍ ଓଡ଼ିଶା ଆଉ ଓଡ଼ିଶାର୍ ସମୁଦ୍ରଖଁଡ଼ି ଇଲାକାର୍ ଭିନ୍ ଭିନ୍ ଜାଗା ନ ବର୍ଷା ହେଇପାରେ ବଲି ପାଣିପାଗ୍ କେନ୍ଦ୍ର ତର୍‌ଫୁ ଆକଲନ୍ କରାଯାଇଛେ । ଆଏବା ୩ ଆଉ ୪ ତାରିଖ୍ ଉତର୍ ଆଉ ପୂର୍ବ ଓଡ଼ିଶା ନ ହାଲ୍‌କାନୁ ମଧମ୍ ଧରଣ୍‌ର ବର୍ଷା ହେବାର୍ ସମ୍ଭାବନା ଅଛେ ।